# Inauguration of website of Puri Konark Development Authority








The official website of PKDA, Puri [http://pkdapuri.nic.in](http://pkdapuri.nic.in)was inaugurated by **Shri Samarth Verma, IAS**, Collector & DM - Cum- Vice Chairman, PKDA, Puri, on the **25th Foundation Day (Silver Jubilee) of PKDA**. i.e. on 01/04/2022 (Utkal Divash). The event was graced by other district level dignitaries including the ADM Puri, Secretary PKDA, Planning Member and officers of the District.

The website provides information about the History, Jurisdiction, Master Plan, CDP, IDP, Rules and Regulation, RTI, Who's Who etc of PKDA and has provision for download of forms. The website follows GIGW Guidelines and has Bi-Lingual (ଓଡିଆand English) Content, Title Song ( ଥକାମନଚାଲଯିବା ), Google Location Map, Links to important websites, two different colour schemes, font size increase and decrease feature etc. The website is an in-house development effort of NIC Puri district centre and has been hosted at NDC Bhubaneswar.

On this occasion **Shri Biswanath Panda, Scientist – D& DIO** was felicitated for the development of the website at a very short notice. DIO Shri Panda and **ADIO Shri Durga Prasad Jena, Scientist- B** expressed their gratefulness to **Smt. Kabita Roy Das, DDG & SIO** and officers of NIC and NIU for their guidance and help in the successful development & hosting of the website.

### ପିକେଡିଏ ପାଳିଲା ରୌପ୍ୟ ଜୟନ୍ତୀ

# ପ୍ରତିଷ୍ଠାନ ଜରିଆରେ ପୁରୀ-କୋଣାର୍କର ବିକାଶ ହେବ

ପୁରୀ, ୧୪(ବ୍ୟୁରୋ): ଉତ୍କଳ ଦିବସ ଅବସରରେ ରୌପ୍ୟଜୟନ୍ତୀ ପାଳନ କରିଛି ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ)। ଶୁକ୍ରବାର ପିକେଡିଏ ସଭାଗୃହରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ପିକେଡିଏ ଉପାଧ୍ୟକ୍ଷ ସମର୍ଥ ବର୍ମା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପିକେଡିଏ ଯୋଜନା ସଦସ୍ୟ ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ, ଇଞ୍ଜିନିୟର ସଦସ୍ୟ ଆଶିଷ କୁମାର ସୁବୁଦ୍ଧି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପିକେଡିଏ ଜରିଆରେ ପୁରୀ ଓ କୋଣାର୍କର ବିକାଶ କାମ କରାଯିବ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ ଦେଇଥିଲେ।

ପିକେଡିଏ ସଚିବ ଡ. ଲଲାଟେନ୍ଦୁ ସାହୁ ସ୍ୱାଗତ ଭାଷଣ ପାଠ କରିଥିଲେ। ସେ ଉଦ୍‌ବେଗ ପ୍ରକାଶ କରି କହିଥିଲେ, ପିକେଡିଏ ବହୁ ଉତ୍ଥାନ ପତନ ଦେଇ ଗତି କରୁଛି। ପୁରୀ ଓ କୋଣାର୍କର ୯୨ଟି ରାଜସ୍ୱ ଗ୍ରାମକୁ ନେଇ ଏକ ସରସ ସୁନ୍ଦର ଆଧୁନିକ ନଗରୀ ତିଆରି ନିମନ୍ତେ ସରକାର ଏହି ପ୍ରତିଷ୍ଠାନ ଗଢ଼ିଥିଲେ। ଏହି ନଗରୀରେ ବସବାସ କରିଥିବା ଜନସାଧାରଣ ଓ ଭୂମିହୀନଙ୍କ ନିମନ୍ତେ ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ କରି ଯୋଗାଇ ଦେବା ଉଦ୍ଦେଶ୍ୟ ଥିଲା। ହେଲେ ପ୍ରତିଷ୍ଠାନ ନିଜର ସ୍ଥିତି ରକ୍ଷା ନିମନ୍ତେ ଏବେ ବି ସଂଘର୍ଷ କରୁଛି। ତେବେ ଏହା ଭିତରେ ପୁରୀ ଓ କୋଣାର୍କ ଅଞ୍ଚଳର ଦୀର୍ଘକାଳୀନ ଉନ୍ନତି ନିମନ୍ତେ ସିଡିପି (ବ୍ୟାପକ ଉନ୍ନୟନ ଯୋଜନା) ଅହମ୍ମଦାବାଦର ସିଇପିଟି ବିଶ୍ୱବିଦ୍ୟାଳୟ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଏହାର ଚିଠା ପ୍ରକାଶନ କରାଯିବା ଭଳି ଖବର ହୋଇ ଆସିଛି। ଖୁବ୍ ଶୀଘ୍ର ଚୂଡାନ୍ତ ସିଡିପି ପ୍ରସ୍ତୁତ ହୋଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବ। ପୁରୀ ସମୁଦ୍ରକୂଳ ସିଆରଜେଡ୍ ଅଞ୍ଚଳରେ ସିଆରଜେଡ୍ ବିଜ୍ଞପ୍ତି ଅନୁଯାୟୀ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯିବ। ଅଧିକ ପୁଞ୍ଜି ନିବେଶ ଓ ବେକାରୀ ସମସ୍ୟା ଦୂରୀକରଣରେ ସହାୟତା କରିବ।

ରାଜ୍ୟ ଓ କେନ୍ଦ୍ର ସରକାର ଦୁଇ ନଗରୀର ବିକାଶ ନିମନ୍ତେ ଅନେକ ପଦକ୍ଷେପ ନେଉଛନ୍ତି। ଯାହା ଭିତରେ ପିକେଡିଏ ଦ୍ୱାରା ଆଗକୁ ପୁରୀ ବାଲୁଖଣ୍ଡ ଅଞ୍ଚଳର ପ୍ରାୟ ୧ ଏକର ଜମିରେ ପିପିପି ମୋଡ୍‌ରେ ବହୁତଳ ଆବାସ ନିର୍ମାଣ ହେବ। ଜେଲରୋଡରେ ବହୁତଳ ପାର୍କିଂ ପରିଚାଳନା ପିକେଡିଏ ଦ୍ୱାରା କରାଯିବା ପ୍ରସ୍ତାବ ପ୍ରକ୍ରିୟାରେ ରହିଛି। ସମଙ୍ଗ ମୌଜାରେ ଟାଉନ୍ ପ୍ଲାନିଂ ସ୍କିମ୍ ଅନ୍ତର୍ଗତ ବିକାଶ କାମ ହେବାର ପ୍ରସ୍ତାବ ରହିଛି। ଲ୍ୟାଣ୍ଡ ବ୍ୟାଙ୍କ ଗଠନ ପ୍ରସ୍ତାବ, ଭାରତିପୁର ମୌଜାର ୧୩ ଏକର ଜମିରେ ବାସ ଉପଯୋଗୀ ବହୁତଳ ବାସଗୃହ ନିର୍ମାଣ, ଲ୍ୟାଣ୍ଡ ପୁଲିଂ ସ୍କିମ୍‌ରେ ସରକାରୀ ଜମିର ଉନ୍ନତୀକରଣ ପ୍ରସ୍ତାବ ରହିଛି। ଏଥିନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦେବାକୁ ସେ ଜିଲ୍ଲାପାଳ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିକେଡିଏରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଜଣକ ପରେ ଜଣେ ଅବସର ନେଉଥିବାରୁ ଖାଲି ପଡୁଥିବା ପଦବି ପୂରଣ ଓ ପ୍ରସ୍ତାବିତ ପ୍ରକଳ୍ପ ସମ୍ପାଦନ ଉପରେ ମଧ୍ୟ ସେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



■ ପୁରୀ,ତା୧।୪ (ପିଏନଏସ)

ପୁରୀ କୋଣାର୍କ-ଉନ୍ନୟନ କର୍ତ୍ତୃପକ୍ଷ ଏହାର ରଜତ ଜୟନ୍ତୀ ଓ ଉତ୍କଳ ଦିବସ ପାଳନ କରିଛି। ଜିଲ୍ଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପିକେଡିଏ ସଚିବ ଡଃ ଲଲାଟେନ୍ଦୁ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ତହସିଲଦାର ରବିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ସମର୍ଥ ବର୍ମା ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ପରିସରରେ ଥିବା ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପିକେଡିଏର ୱେବସାଇଟ୍ ଓ ବିଗତ ବର୍ଷର ସଫଳତାକୁ ନେଇ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଗବେଷଣା ସହାୟକ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।









### ପିକେଡିଏର ରଜତ ଜୟନ୍ତୀ



ପୁରୀ, ୩/୪(ଇମିସ): ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ(ପିକେଡିଏ) ପକ୍ଷରୁ ରଜତ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିକେଡିଏର ଉପାଧ୍ୟକ୍ଷ ତଥା ଜିଲ୍ଲାପାଳ ସମର୍ଥ ବର୍ମା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିକେଡିଏର ସଚିବ ଡ. ଲଲାଟେନ୍ଦୁ ସାହୁ, ପିକେଡିଏର ଯୋଜନା ସଦସ୍ୟ ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ, ଇଂଜିନିୟର ସଦସ୍ୟ ବି. ଆଶିଷ କୁମାର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରଜତ ଜୟନ୍ତୀ ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର ଏବଂ ଶିବ ପ୍ରସାଦ ଜେନା ପରିଚାଳନା କରିଥିଲେ।